
17 JUL 1969



# ଭାରତ ଜ୍ୟୋତି



ଲାଇବ୍ରେରୀ
JUL 1959
କେଲ

ଲେଖକ—ଶ୍ରୀ ଏକାଦଶୀ ବେଦୀ

ପ୍ରକାଶକ—ଶ୍ରୀ ମାଧବାନନ୍ଦ ଧଳ
ଶ୍ରୀ ମହାଲକ୍ଷ୍ମୀ ଭଣ୍ଡାର,
୩, ପ୍ରେମଚାନ୍ଦ ବରାଲ ଷ୍ଟ୍ରୀଟ୍,
କଲିକତା ।

ରାଜ ସଂସ୍କରଣ

ମୂଲ୍ୟ ସାତ ଅଣା

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧ | ସୂଚନା | ୧—୪ |
| ୨ | ମହାତ୍ମା ଗାନ୍ଧୀ | ୫—୨୧ |
| ୩ | ଯୁଗ-ଜ୍ୟୋତି ଜହରଲାଲ | ୨୨—୩୩ |
| ୪ | ସୁଭାଷଚନ୍ଦ୍ର | ୩୪—୪[illegible] |

ନଂ ୧୭୧ ......
୧୯୫୯

ସ୍ୱାଧୀନତା ହାସଲ କରିବା ଯେତେ କଥା ନୁହେଁ, ସ୍ୱାଧୀନତା ସମ୍ଭାଳିବା ତହିଁରୁ ବଡ଼ କଥା । ଏହା ଆମେ ଅଙ୍ଗେ, ଅଙ୍ଗେ ଲଭିଉ-ଥାଏଁ, ସ୍ୱାଧୀନତା ଲଭ ପରେ ପରେ । ଏହାକୁ ସମ୍ଭାଳିବାକୁ ହେଲେ, ଦେଶରେ ଗୋଟିଏ ବିଶେଷ ଧରଣର ଶିକ୍ଷା ଓ ତାଲିମର ବ୍ୟବସ୍ଥା ପ୍ରବର୍ତ୍ତନ ଯେ ଅତ୍ୟାବଶ୍ୟକ, ଏଥିରେ ଆଦୌ ସନ୍ଦେହ ନାହିଁ । ମାତ୍ର, ସେହି ବ୍ୟବସ୍ଥାର ରୂପରେଖ ଓ ପଦ୍ଧତି ଯାହା ହେଉ ନା କାହିଁକି, ତାହାର ସାଫଲ୍ୟ ସମ୍ପୂର୍ଣ୍ଣ ନିର୍ଭର କରେ ଯେନ୍ତ୍ରର ସାରବତ୍ତା ଉପରେ । ଏହି ସାରବତ୍ତାର ମୂଳ-ଆଧାର ଜାତୀୟ ପ୍ରାଣ ; ତାହାହିଁ ଉଦ୍ବୁଦ୍ଧ କରିବାକୁ ହେବ ବେଲହୁଁ ନାନା-ଉପାୟରେ ଗଣତାନ୍ତ୍ରିକ ଦେଶର ଗଣଙ୍କ ମନରେ, ତଥା ତା'ର ଭବିଷ୍ୟତ ଆଶା-ଭରସା-ସ୍ଥଳ ଶିଶୁଙ୍କ ଭାବ-ରାଜ୍ୟରେ ; ଏବଂ ଉକ୍ତ ଉପାୟମାନଙ୍କ ମଧ୍ୟରେ ଦେଶାତ୍ମ-ବୋଧକ ସୁସାହିତ୍ୟ ଅନ୍ୟତମ ଓ ପ୍ରଧାନ, ଏହା କହିବା ବାହୁଲ୍ୟ ମାତ୍ର ।

ଏହି ଦୃଷ୍ଟି-କୋଣରୁ, ଆଲୋଚିତ ପୁସ୍ତିକାଟିର ଉପାଦେୟତା ଏକାବେଳକେ ଅସ୍ୱୀକାର୍ଯ୍ୟ ନୁହେଁ । ତିନିଗୋଟି ମହାପ୍ରାଣଙ୍କୁ ଘେନି ପୁସ୍ତିକାଟିର କଳେବର—ମହାତ୍ମା ଗାନ୍ଧି,-ଜାତିର ଜନକ ; ବିପ୍ଳବୀ ସୁଭାଷ,-ଜାତିର ଭୟ-ନିବାରକ ; ପାଳକ-ଜହରଲାଲ,—ସାମ୍ୟ-ସୂତ୍ରର ଅଧିନାୟକ । ଏହିମାନଙ୍କର ଜୀବନ-ଇତିହାସ ଚିରକାଳ ଭାରତର ଜ୍ୟୋତି ବିକୀରଣ କରୁଥିବ ; ଏବଂ ଏହି ଜ୍ୟୋତିରୁ ଶକ୍ତି ଓ ଚେତନା ଘେନୁଥିବେ କାଳାକାଳକୁ ଦେଶବାସିଏଁ,—ଶିକ୍ଷା ଦୀକ୍ଷା ଓ ବୟସ-ନିର୍ବିଶେଷରେ । ସୁତରାଂ 'ଭାରତ-ଜ୍ୟୋତି' ପୁସ୍ତିକାଟି

ସ୍ୱାଧୀନତା-ରକ୍ଷା-ସ୍ତମ୍ଭର ମୂଳ ଭିତ୍ତି ସ୍ୱରୂପ ଦେଶାତ୍ମ-ବୋଧ-ସୁଲଭ କ୍ଷେତ୍ର ପ୍ରସ୍ତୁତ ଓ ପରିପୁଷ୍ଟି ଦିଗରେ ଯେ କିଞ୍ଚିତ୍ ହେଲେ ସାହାଯ୍ୟ କରିବ, ସୁସାହିତ୍ୟର ଅଙ୍ଗ-ବିଶେଷ-ରୂପେ, ଏଥିରେ ଦ୍ୱିରୁକ୍ତି ଥାଇ ନ ପାରେ ।

'ପୁସ୍ତିକା'ର ଭାଷା ସରଳ ଓ ମନୋରମ ହୋଇଛି । ପ୍ରତ୍ୟେକ ମହାପୁରୁଷଙ୍କର ଜୀବନର ଘଟଣାବଳି ପାରମ୍ପରିକ ଭାବରେ ରକ୍ଷିତ ହୋଇଛି । ଓଡ଼ିଆ ଜାତି ଆବହମାନ କାଳ ସଙ୍ଗୀତ ପ୍ରିୟ । ସେଥି-ପାଇଁ ଉକ୍ତ ଜୀବନୀ-ଗୁଡ଼ିକ ଅତି ସାଧାରଣ ଓ ଜନପ୍ରିୟ ବୃତ୍ତ-ଛନ୍ଦରେ ରଚିତ ହୋଇଥିବାରୁ, ତାହା ଗଣ-ପ୍ରାଣକୁ ସହଜରେ ଯେଉଁପରି ଆବେଦନ ଜଣାଇବ, ଶିଶୁ-ମନକୁ ମଧ୍ୟ ସେହିପରି ଅନୁପ୍ରାଣିତ ଓ ସଙ୍ଗଠିତ କରିବ । 'ଭାରତ-ଜ୍ୟୋତି'ର ବହୁଳ-ପ୍ରଚୁର ମୁଁ ସର୍ବାନ୍ତକରଣରେ ଶିଶୁମହଲରେ, ତଥା ଗଣଙ୍କ ମେଳାରେ କାମନା କରେଁ । ଇତି ।

୩୧ । ୧୦ । ୪୯

**ଅଶ୍ୱିନୀ**

... ଲାଇବ୍ରେରୀ
ନଂ 175
ତା 17 JUL 1959
ରାଉରକେଲା

# ଭାରତ ଜ୍ୟୋତି

## —ସୂଚନା—

( ଫୁଲ ବଉଳ ବେଣୀ—ବୃତ୍ତେ )

ଆମରି ଭାରତ ଦେଶ,
ଗଉରବ ପୀଠେ ବଖାଣି କରୁଛି
"ଗାନ୍ଧୀ, ଜହର, ସୁଭାଷ" ।
ସେହି ତିନିଅଙ୍କ ମେଳ,
ଭାଙ୍ଗି ଦେଇଅଛି ଅଟଳ ଭାବରେ—
ବିଦେଶୀ ଶାସନ-କଳ !
ଦୁଇଶ' ବରଷ ହେଲା,
ବ୍ରିଟିଶ ଶାସନ— ଶୋଷଣ ନୀତିରେ
କାଠିଲ ଭାରତ ଗଲା ।
ଶୋଷୀ, ଭୋକୀ, ଦୁଃଖୀ, ରଙ୍କୀ,
ଚାଷୀ, ମଜୁରିଆ ପର ଚାକରିଆ
ନ ଥିଲେ ଜଣେ କେ' ସୁଖୀ ।
ସବୁବେଳେ ହାହାକାର,
ଅନ୍ନ ବସ୍ତ୍ର ବିନା ସାରା କାଳେ ଦେଶେ
ପଡ଼ିଲା ଘୋର କାନ୍ତାର ।

ଲାଞ୍ଚ ମିଛ ବଢିଗଲା,
ଫିସାଦଆ, ଠକ ତଣ୍ଡିକାଠା, ଖଣ୍ଡ
ସବୁରି ପାଳି ପଡ଼ିଲା ।

କଳା ଧଳା ଭେଦ ନୀତି,
ବେଲୁ ବେଲୁ ଦେଶେ ବଢ଼ାଇଲା ଶେଷେ
ଘୃଣା, ଅହଙ୍କାର, ଭୀତି ।

ମଣି, ମୁକ୍ତା, ରୁପା, ସୁନା,
ନାନା ଉପାୟରେ ହରିଗଲା ଦେଶୁ
ସୁନା ପୁରୀ ହେଲା ଚୂନା ।

ଗରିବଙ୍କ କାରବାର,
ନାଶ କରିଦେଲା ବିଲାତି ଇଞ୍ଜିନ୍
ଲୋକେ ହେଲେ ହରବର ।

ଭାରତ ଜିନିଷ ଗଲା,
ଲୁହା, ତମ୍ବା, ସୀସା, କଂସା, ପିତଳରେ
ବିଲାତି କଳ ଚୁଲିଲା ।

ଆମ ଦେଶୁ କପା ଯାଇ,
ବିଲାତ ସୂଇଜେ ଲୁଗା ବୁଣା ହେଲା
ଆମରିମାନଙ୍କ ପାଇଁ ।

ଲବଣ ସମୁଦ୍ର ରହି,
ବିନା ପଇସାରେ ଭାରତ ବାସୀଙ୍କି
ଲୁଣ ଟିପେ ମିଳେ ନାହିଁ ।

ବିଦେଶୁ ବେପାରୀ ଆସି,
ଭଲି ଭଲି କେତେ ବେପାର ଫନ୍ଦରେ
ଦେଲେ ଭାରତକୁ ଶୋଷି ।

ଯେ ଧରିଲା ତାଙ୍କ ଦୋଷ,
ସାଙ୍ଗେ ସାଙ୍ଗେ ସେହୁ ହାତକଡ଼ି ପିନ୍ଧି
ଚାଲିଗଲା କାରାବାସ ।

ଅଇନ ଫେରରେ କଷି,
କାଙ୍କର ପରାଏ ଭାରତ ଲୋକଙ୍କୁ
ଖଟାଇଲେ ପରଦେଶୀ ।

ଏ ସବୁ ଅନ୍ୟାୟ ଜାଣି,
ସତେ କି ଭାରତେ ବିନାଥ ରୂପରେ
ଜନମିଲେ ଚକ୍ରପାଣି ।

ତାଙ୍କର କରୁଣା ଯୋଗେ,
ଅଭାଗୀ ଜନନୀ ଭାଗ୍ୟବତୀ ହେଲା
ସ୍ୱାଧୀନତା ଉପଭୋଗେ ।

ବିଷ୍ଣୁ ଅଂଶେ ଉତପତ୍ତି,
ମୋହନ, ଜହର, ସୁଭାଷ ତିନିହେଁ
ତ୍ରିମୂର୍ତ୍ତିଙ୍କୁ ଧରିଛନ୍ତି ।
ସେହି ତିନି ଶକ୍ତି ମିଶି,
ନାନା ଉପାୟରେ ଭାରତ ଦେଶରୁ
ଅନ୍ଧକାର ଦେଲେ ନାଶି ।
ସତ୍ତ୍ୱରେ ମୋହନ ଦାସ,
ରଜରେ ଜହର, ତମରେ ସୁଭାଷ
ହୋଇଛନ୍ତି ପରକାଶ !



# ମହାତ୍ମା ଗାନ୍ଧୀ

( ରାମକେରୀ—ବୃତ୍ତେ )

ଜୟ ହେ ମହାତ୍ମା ମୋହନ-
ଦାସ କରମଚାନ୍ଦ,
ଭାରତରେ ଆଜ ହୋଇଛ
ତୁମ୍ଭେ ସରଗ ଚାନ୍ଦ ।
ତୁମ୍ଭର ଯତନେ ଆସିଛି
ଫେରି ସୁନା ଅତୀତ,
ତୁମ୍ଭର କଷଟେ ଉଠିଛି
ଏହି ଜାତି ପତିତ ।
ସତ୍ୟେ ପ୍ରତିଷ୍ଠିତ ଅହିଂସା-
ନୀତି ଦୃଢ଼େ ପ୍ରଚୁର,
ବିନା ରକ୍ତପାତେ ଭାରତ-
ଭୁଇଁ ଦେଲ ଉଦ୍ଧାରି ।
ଯେଉଁ "ସ୍ୱାଧୀନତା" ଶବଦ
ଉଚ୍ଚାରିଲ ମାନକେ,
ଭୋଗୁଥିଲେ କାରକଷ୍ଟି
ଦୃଢ଼େ ଭାରତ ଲୋକେ ।

ସେହି ସ୍ୱାଧୀନତା ମନ୍ତ୍ରର
ନିର୍ଭୀକରେ ପ୍ରକାଶି,
ନବୀନ ଉତ୍ସାହ ଆଣିଲ
ଦେଶୁଁ ଜଡ଼ତା ନାଶି ।
ତୁମ୍ଭର ଅଟଳ ପ୍ରତିଜ୍ଞା
ପାଳି ଭାରତ ସୁତେ,-
ସ୍ୱାଧୀନତା ବୀଜ ବପନ-
କଲେ ଆପଣା ଚିତ୍ତେ ।
ବ୍ରିଟିଶ ନିଷ୍ଠୁର ଦମନ
ପ୍ରତି ନ କରି ଭୟ,
ସ୍ଥାନେ ସ୍ଥାନେ ସୃଷ୍ଟି କରିଲେ
ଆନ୍ଦୋଳନ ନିଚୟ ।
ଫିରିଙ୍ଗି ସଙ୍ଗିନ୍ ଅଗରେ
ବୁକୁ ପତାଇ ଦମ୍ଭେ,
ହସି ହସି ପ୍ରାଣ ତେଜିଲେ
ଲୋକେ ବୀର ଗୌରବେ ।
ଆଉ କେତେ କାରାକକ୍ଷରେ
ଭୋଗ କଲେ ଯାତନା,
ତଥାପି ଅଟୁଟ ରଖିଲ
"ସ୍ୱାଧୀନତା" କାମନା ।

ଅନଳେ ପତଙ୍ଗ ପରାୟେ
ବହୁ ନିରସ୍ତ୍ର ଜନ,
ବିପଦକୁ ଡେଇଁ ପଡ଼ିଲେ
ମନେ ହୋଇ ଉଚ୍ଛନ୍ନ ।
ମଲେ ପଛେ ଶତ୍ରୁ ହସ୍ତରେ
କିନ୍ତୁ ମାରିଲେ ନାହିଁ,
ଅହିଂସା ମନ୍ତ୍ର ପାଳିଲେ
ଭୂମ୍ନ ନୀତିରେ ଥାଇ ।
ଯେଉଁ ଅହିଂସାଟିର ନଇଁଛି
ସାରା ବିଶ୍ୱ ସଂସାର,
ତାକୁ କେ' ଅବଜ୍ଞା କରିବ
ଶକ୍ତି ଅଛି କାହାର ?
ଅଜେୟ ଅବ୍ୟୟ ସେ ନୀତି
ପୁଣି ଦୁର୍ବଳ ବଳ,
ଦରିଦ୍ର ହୃଦୟ ସଂଗାଳି
ଯୋଗୀଜନ ସମ୍ବଳ ।
ସତ୍ୟେ ପ୍ରତିଷ୍ଠିତ ଯେ' ନୀତି
ତା'ର କାହିଁ ବିନାଶ ?
ବାଲ୍ୟ'ସେ ଧର୍ମ ଧରିଥିଲ
ଦୃଢ଼ ରଖି ବିଶ୍ୱାସ ।

ତାହାରି ବଳରେ "ଅସହ-
ଯୋଗ" କରି ଅସ୍ତ୍ରୟ,
ଠେଲାଇ ଦେଇଛ ସହଜେ
ଶତ୍ରୁ ଠାଣି ହୃଦୟ ।
ସେ ନୀତି ଆଚରି ଆଫ୍ରିକା-
ଦେଶେ ବିଜୟୀ ହେଲ,
ଭାରତର ମାନ ମହତ
ତହିଁ ଦୃଢ଼େ ସ୍ଥାପିଲ ।
ବାଣିଜ୍ୟ ପ୍ରୟାସେ ସେ ସ୍ଥଳେ
ଯାଇ ଭାରତୁ ଲୋକେ,
କରି ଆସିଛନ୍ତି ବସତି
ବହୁ କାଳରୁ ଥୋକେ ।
ନ ଥିଲା ତାଙ୍କର କୌଣସି-
ଶକ୍ତି ସେ ଦୂର ଦେଶେ,
କଳା ବୋଲି ଘୃଣା କରନ୍ତି
ଧଳା ଲୋକେ ବିଶେଷେ ।
ସେ ଅନ୍ୟାୟ ସଙ୍ଗେ ଯୁଝିଲ
ଶୁଦ୍ଧ ଅହିଂସା ବଳେ,
ବହୁ ଅପମାନ ଭୋଗିଲ
ଭେଦ ନୀତି—କବଳେ ।

ସତ୍ୟେ ଗଢ଼ା ଯା'ଙ୍କ ଜୀବନ
ହିଂସା ଶୂନ୍ୟ ହୃଦୟ,
ଅନ୍ୟାୟ ଦମନେ କେବେ କି
ସେହୁ କରନ୍ତ ଭୟ ?
ତୁମ୍ଭରି ଅତୁଟ ସାଧନା
ସିଦ୍ଧ ହୋଇଲା ଶେଷେ,
ସମ ଅଧିକାର ଲଭିଲେ
ଭାରତୀୟ ସେ ଦେଶେ ।
ଆଫ୍ରିକାରୁ ଆସି ସ୍ୱଦେଶେ
ତାକୁ କଲ ପ୍ରୟୋଗ,
ହରଷେ ଭାରତ ସନ୍ତାନେ
ଦେଲେ ତହିଁରେ ଯୋଗ ।
ପବିତ୍ର 'ସାବରମତୀ' ରେ
ସ୍ଥାପି ନିଜ ଆଶ୍ରମ,
ଜାତି ଧର୍ମ ଭେଦ ନ ରଖି
ପ୍ରଚାରିଲ ସ୍ୱଧର୍ମ ।
ବହୁ ଶିଷ୍ୟ ଶିଷ୍ୟା ସଙ୍ଗତେ
ରହି ପବିତ୍ର ସ୍ଥଳେ,
ମନ ଜୀବନକୁ ଢାଳିଲ
ସ୍ୱଦେଶର ମଙ୍ଗଳେ ।

ଆର୍ଯ୍ୟଋଷି ଧର୍ମେ ଉଜ୍ଜ୍ୱଳ-
କର ସେ ଦିବ୍ୟ ସ୍ଥାନ,
ଶିକ୍ଷା ଦେଲ ଶିଷ୍ୟ ସମାଜେ
ସତ୍ୟ ଧର୍ମ ଧନେ ।
ଆଦର୍ଶ ଜୀବନ ଯାପନେ
ସର୍ବେ ହେଲେ ଶିକ୍ଷିତ,
ବୋଲାଇଲେ ଦେଶ ବିଦେଶେ
ଗାନ୍ଧୀ ନୀତି ପଣ୍ଡିତ ।
ଉନ୍ନତିର କଳ୍ପିତ ରେଖା
ତହୁଁ ହେଲା ପ୍ରଚାର,
ଭାରତ ବାସୀଙ୍କ ଉନ୍ନତି-
ପଥ କଲ ପ୍ରସାର
କୃଷୀ, ମୂଲିଆଙ୍କ ଦୁର୍ଦ୍ଦଶା
କ୍ରମେ ହେଲା ମୋଚନ,
ସତ୍ୟ ଶାନ୍ତିମୟ କରିଲ
ପଲ୍ଲୀବାସୀ ଜୀବନ ।
ହରିଜନମାନେ ଅଦ୍ଭୁତ-
ହେଲେ ଅହିଂସା ବଳେ,
ଅସ୍ପୃଶ୍ୟତା ବିଷ ହଟାଇ-
ଦେଲ ଜାତି ମଣ୍ଡଳେ ।

‘କୁଟି ଖାଇ’, “କାଟି ପିନ୍ଧିବା”-
ପାଇଁ କଲ ଆଦେଶ,
ବଢିଲା କୁଟୀର ଶିଳ୍ପର
ଗଉରବ ବିଶେଷ ।
ବିଦେଶୀ ଜିନିଷ ବର୍ଜିତ-
କରି ସ୍ୱଦେଶୀ ଦ୍ରବ୍ୟ,
ବଢାଇଲ ଲୋକ ମମତା
ଅତି ବିଚିତ୍ର ଭାବେ ।
ହାତେ ସୂତା କାଟି ପିନ୍ଧିଲ
ଦେଶୀ ବୁଣା ଖଦଡ଼,
ଦେଖାଇଲ ଜନ ଜଗତେ
ଦେଶ ପ୍ରୀତି ଉଗଡ଼ ।
ତବ ନବ ଧର୍ମେ ଭାରତ-
ଯନ୍ତୁ ହେଲ ଦୀକ୍ଷିତ,
ସ୍ୱାଧୀନତା ଲାଭ ପ୍ରୟାସେ
ତହୁଁ ବଳିଲା ଚିତ୍ତ ।
ଅହିଂସ ଅସହଯୋଗକୁ
କରି ଅମୋଘ-ବାଣ,
ବ୍ରିଟିଶ କେଶରୀ ସଙ୍ଗତେ
କଲ ଭୀଷଣ ରଣ ।

ତୁମ୍ଭ ପଛେ ଥିଲା ଭାରତ-
ଜନମତ ଦୃଢ଼ରେ,
ଦୀର୍ଘ ପଞ୍ଚବିଂଶ ବରଷ
ମାତିଗଲ ସମରେ ।
ପବିତ୍ର ନୀତିରେ ଗ୍ରଥିତ
ସେହି ଅସହଯୋଗ,
ଉଦ୍ଦେଶ୍ୟ ସାଧନ ହେତୁରେ
କଲ ଦୃଢ଼େ ପ୍ରୟୋଗ ।
ଆଇନ ଅମାନ୍ୟ କାରଣେ
ବନ୍ଦ କରି ଖଜଣା,
ଭୋଗ କଲ ବୃଦ୍ଧ ବୟସେ
କାରାବାସ ଯନ୍ତ୍ରଣା ।
ସତ୍ୟ ପ୍ରତି ଯାର ଆଦର
ଅହିଂସାରେ ବିଶ୍ୱାସ,
ପଶୁବଳ ତାର ଉଦ୍ଦେଶ୍ୟ
କରିପାରେ କି ନାଶ ?
ତୁମ୍ଭ କାରାଦଣ୍ଡ ସନ୍ଦେଶ
ଖେଳିଯାଇ ଦେଶରେ,
ଘୋର ଭକ୍ତି ଭାବ ଆଣିଲା
ଦେଶବାସୀ ମନରେ ।

ସ୍ଥାନେ ସ୍ଥାନେ ସଭା ସମିତି
ବସିଗଲା ତୁରତେ,
ଦୃଢ଼ ଭାବେ ଦାବୀ ଉଠିଲା
ଭୂମି ମୁକ୍ତି ନିମନ୍ତେ ।
ଅଗତ୍ୟା ବ୍ରିଟିଶ କେଶରୀ
କରିଦେଲେ ମୋଚନ,
ପୁନରପି ଦେଶେ ଆରମ୍ଭ-
କଲ ସେ ଆନ୍ଦୋଳନ ।
'ଲବଣ ଆଇନ' ଅମାନ୍ୟ-
ପାଇଁ ଧନେ ଏକାନ୍ତେ,
ଦାଣ୍ଡୀ ଅଭିଯାନେ ଚାଲିଲ
ଶିଷ୍ୟବର୍ଗ ସଙ୍ଗତେ ।
ଫିରିଙ୍ଗିର ଲୌହ କିଳାଣୀ
ଭାଙ୍ଗି ଲାତି ମାରିଲ,
ସାଙ୍ଗେ ସାଙ୍ଗେ କାରାଭବନେ
ବନ୍ଦୀ ହୋଇ ରହିଲ ।
ବାରମ୍ବାର ଏହି ପ୍ରକାରେ
ଭୋଗ କଲ ଯାତନା,
ତେବେ ନ ତୁଟିଲା ତୁମ୍ଭର
ସତ୍ୟ ନିଷ୍ଠ ସାଧନା ।

ବଜ୍ର ନାଦେ ଥରେ କହିଲ
ବ୍ରିଟିଶଙ୍କୁ ଏପରି,
ଅବିଲମ୍ବେ "ଛାଡ଼ ଭାରତ"
ଆଉ ଡେରି ନ କରି ।
ଏ ବାଣୀ ଶ୍ରବଣେ ବ୍ରିଟେନ-
ବୁଦ୍ଧି ହୋଇଲା ବଣା,
ଶିଷ୍ୟ ସଙ୍ଗେ କଲେ ତୁମ୍ଭର-
କାରାବାସ ଠିକଣା ।
ସେତେବେଳେ ଯେଉଁ ପ୍ରଳୟ
ସୃଷ୍ଟି ହେଲା ଦେଶରେ,
ଦେଖିବାର ଥାଉ ସେ ଦୃଶ୍ୟ
ଶୁଣା ନାହିଁ କର୍ଣ୍ଣରେ ।
ସାରା ଭାରତରେ ପ୍ରବଳ
ହିଂସା—ବହ୍ନି ଜଳିଲା,
ବ୍ରିଟିଶ ଭୀଷଣ ଦମନ
ଗ୍ରାମେ ଗ୍ରାମେ ଚଳିଲା ।
ବହୁ ଲୋକ ସେହି ପ୍ରଳୟେ
କୀଟ ପତଙ୍ଗ ଭଳି,—
ଫିରିଙ୍ଗି ସଙ୍ଗିନ୍ ଆଗରେ
ଦେଲେ ଜୀବନ ବଳି ।

କର୍ମୀ ଠାରୁ ନେତା ପର୍ଯ୍ୟନ୍ତେ
ଯେତେ ଥିଲେ ଦେଶରେ,
ବନ୍ଦୀ ହେଲେ କାରା ଭବନେ
ବିନା ଅପରାଧରେ । *
ଏ ଭଳି ଇଂରାଜୀ ରାଜତ୍ୱ
ନାନା ଉପଦ୍ରବରେ-
ଟଳମଳ ହେଲା ସନ୍ତତ
ଦୃଢ଼ ଭାବେ ଦେଶରେ ।
ଅସମ୍ଭାଳ ହୋଇ ପଡ଼ିଲା
ଯହୁଁ ରାଜ୍ୟ ଶାସନ,
ସନ୍ଧି ସମାଧାନେ ବଳିଲା
ତହୁଁ ବ୍ରିଟିଶ ମନ ।
ରୁଦ୍ଧ ସବୁ ନେତାବୃନ୍ଦଙ୍କୁ
କରି କାରା ମୁକତ,
ବନ୍ଧୁତା ଛଳରେ ବାଢ଼ିଲେ
ସନ୍ଧି ପ୍ରସ୍ତାବ ନୀତ ।
ଯେ' ଜାତିର ଥିଲା ଭାରତ-
ଭୂଇଁ ଅନ୍ନଭଣ୍ଡାର,

* ୧୯୪୨ ସାଲରେ ମହାତ୍ମାଜୀଙ୍କ "ଭାରତଛାଡ଼" ପ୍ରସଙ୍ଗ ଦେଶରେ ମହା ପ୍ରଳୟ ସୃଷ୍ଟି କରିଥିଲା ।

ତାକୁ ଛାଡ଼ିବାକୁ ସହଜେ
ନ ବଳିଲା ଅନ୍ତର ।
କପଟ ହୃଦୟେ କରିଲେ
ସ୍ୱାଧୀନତା ଅର୍ପଣ,
ତୁମ୍ଭ ହସ୍ତେ କଲେ ଭାରତ-
ମାତା ବେଡ଼ି ମୋଚନ ।
ହିନ୍ଦୁ ମୁସ୍ଲମାନ ଭିତରେ
କରି ବିରୋଧ ଜାତ,
*ମୋହିନୀ ରୂପରେ ବାଣ୍ଟିଲେ
ସ୍ୱାଧୀନତା ଅମୃତ ।
ଜହରଲାଲଙ୍କୁ ସଚିବ-
କରି ହିନ୍ଦୁସ୍ଥାନରେ,
ସମର୍ପିଲେ ହିନ୍ଦୁ ଶାସନ
ସେହି ବୀର ହସ୍ତରେ !
'ହିନ୍ଦୁସ୍ଥାନ' 'ପାକିସ୍ଥାନ' ରେ
ଦେଶ ବିଭକ୍ତ ହେଲା,
ସାନଙ୍କ ସାଙ୍ଗେ ତାଙ୍କ ଇଙ୍ଗିତେ
ହିଂସା ବହ୍ନି ଜଳିଲା ।

---

* ଭଗବାନ ମୋହିନୀ କନ୍ୟା ରୂପ ଧାରଣ କରି ଦେବତା ଅସୁରଙ୍କ ମଧ୍ୟରେ ଅମୃତ ବଣ୍ଟନ କରିଥିଲେ ।

ହିନ୍ଦୁ ମୁସଲ୍ମାନ ଦେଜଣ
ବହୁ କାଳୁ ଭାରତେ,
ଚଳୁଥିଲେ ଭାଇ ପରାୟେ
ସ୍ନେହ ସଦ୍ଭାବ ଚିତ୍ତେ ।
ସେହି ଦୁଇ ଭାଇ ମଧ୍ୟରେ
ଉପୁଜିଲା ବିରୋଧ,
ଉଦାର ସଦ୍ଗୁଣ ଜଣକୁ
ଜଣେ କରିଲା ବଧ ।
ଶତ ଚେଷ୍ଟା ସତ୍ତ୍ୱେ ଲିଭିଲା-
ନାହିଁ ସେ ଈର୍ଷାନଳ,
ବେଳୁ ବେଳୁ ଜଳି ଉଠିଲା
ହୋଇ ମହା ପ୍ରବଳ ।
କଲିକତା, ଦିଲ୍ଲୀ, ବିହାର,
ନୂଆଖାଲି, ପଞ୍ଜାବ,
ଭୟଙ୍କର ହେଲା ଭାରତେ
ଯେସନ୍ତେ ଘୋର ରୌରବ ।
ଯେତଣେ ଅନାଇଁଲେ ଦିଶିଲା
ପ୍ରେତପୁରୀ ଆକାରେ,
ରକ୍ତାକ୍ତ କବନ୍ଧ ଗଡ଼ିଲେ
ଶତ ଶତ ଭାବରେ ।

କାହାର କଟିଛି ମସ୍ତକ
କାର ଚିରଛି ହାତ,
କାହାର ବା ଅନ୍ତବୁଜୁଳା
ଛେଦି ଦେଇଛି 'କାତି',
ଶବ ପୂତିଗନ୍ଧ ଘାତରେ
ବାଟେ ନୋହିଲ ଚାଲି,
ଶାଗୁଣା କୁକୁର ବିଲୁଆ
ମଡ଼ା ଖାଇଲେ ବୁଲି ।
ହତ୍ୟା, ଘରପୋଡ଼ି, ଲୁଣ୍ଠନ
ନାରୀ ଲାଞ୍ଛନା କର୍ମ,
ନାଶ କରିଦେଲା ଦେଶରୁ
ଲୋକମାନ ସମ୍ଭ୍ରମ ।
ଚାଲି ଯାଉଁ ଯାଉଁ ବାଟରେ
ଲୋକେ ପଡ଼ିଲେ ଢଳି,
ବିନା ଅପରାଧେ ମରିଲେ
ନିରାଶ୍ରୟଙ୍କ ଭଳି ।
ଧନ ଜୀବନର ମମତା
ଆଉ ରହିଲା ନାହିଁ,
ଗୁଣ୍ଡାଙ୍କୁ ସୁଯୋଗ ପଡ଼ିଲା
ଦେଶ ଲୁଟିବାପାଇଁ ।

କୋଟିପତି ହେଲା ଘଡ଼ିକେ
ଦୀନ ବାଟ ଭିକାରି,
ପତି ପୁଅ ହୀନ କେହୁ ବା
କେହୁ ହାରିଲା ନାରୀ ।
ଶୁଣି ଦେଶ ଦଶା ଆଶ୍ରମେ
ଆହେ ମର୍ତ୍ତ୍ୟ-ଦେବତା !
ଧାଇଁଲ ସେ ସ୍ଥାନେ ବହନ
ଲଭି ଦାରୁଣ ବ୍ୟଥା ।
ଯେ' ମହାପୁରୁଷ ସନ୍ତତ
ସତ୍ୟ ଶାନ୍ତି ପୂଜାରୀ,
ତା' କଥା ଅବଜ୍ଞା କରିବ
ଶକ୍ତି ଅଛି କାହାର ?
ନୂଆଖାଲି, ଦିଲ୍ଲୀ, ପଞ୍ଜାବ,
କଲିକତାକୁ ଯାଇ-
ଭ୍ରମୁରିଲ ମହା ସାନ୍ତ୍ୱନା
ଅହିଂସାରେ ଭୁଲାଇ ।
ବୃଷ୍ଟିର ସେ ଶାନ୍ତି-ଜଳରେ
ଲିଭିଗଲା ଅନଳ,
ନିଶ୍ଚିନ୍ତେ ଜୀବନ ଯାପିଲେ
ଦେଶବାସୀ ସକଳ ।

କେ' ବର୍ଣ୍ଣିବ ତୁମ୍ଭ ମହିମା
ଅହେ ମହା ପୁରୁଷ !
'ମହାତ୍ମା' ଭାବରେ ତୁମ୍ଭଙ୍କୁ
ପୂଜା କରୁଛି ଦେଶ ।
ତୁମ୍ଭର ସେ ସତ୍ୟ ଧରମ
ହେଉ ଚିର ଜୀବିତ,
ହୁଅନ୍ତୁ ଜଗତ ବାସୀଏ
ସେହି ଧର୍ମେ ଜଡ଼ିତ ।
ତୁମ୍ଭ ଯୋଗୁ ଆଜ ଭାରତ
ଭାଗ୍ୟବତୀ ହୋଇଲା,
ଦୁଇଶତ ବର୍ଷ ଉତାରେ
ସ୍ୱାଧୀନତା ଲଭିଲା ।
ତୁମ୍ଭରି ମହତ ବଚନ
ପୁଣି ମହତ କର୍ମ,
ସତ୍ୟ ଶାନ୍ତି ପ୍ରୀତ ଅହିଂସା-
ତୁମ୍ଭ କଳ୍ପିତ ଧର୍ମ ।
ମହା ଶକ୍ତି ଆଣି ଦେଇଛି
ଶାନ୍ତ ଭାରତ ପ୍ରାଣେ,
ଜଡ଼ତା ବିନାଶି ତୁରିତେ
ନବ ଭାବନା ଆଣେ ।

ତୁମ୍ଭର ବରାଟ ଜୀବନ
ପୁଣି ନରାଟ ଭାବ,
ବରାଟ ଆକାରେ କରନ୍ତି
ଇତହାସ ଉଦ୍ଭବ ।
ଥିବା ଯାଏ ସୃଷ୍ଟି ବରତ
ଆହେ, ମହା ମୂରତ !
ଗାଉଥିବ ନତ ଧରଣୀ
ତୁମ୍ଭ ପୁଣ୍ୟ କୀରତ ।
ଦେନ ଆହେ ବଶ୍ୱବନ୍ଦତ
ଯୋଗୀ-ଜନ ସଙ୍ଗାଳ,
ଭକ୍ତ-ଚନ୍ଦନରେ ରଞ୍ଜିତ
ଦୀନ କୁସୁମାଞ୍ଜଳି ।

# ଯୁଗ-ଜ୍ୟୋତି ଜହରଲାଲ

( ଶଙ୍କର ଭରଣ—ବୃତ୍ତେ )

( ୧ )

ଦୁଃଖିନୀ ଭାରତ ମାତା ସ୍ନେହ ଗଣ୍ଠିଧନ,
ଜୟ ଶ୍ରୀ ଜହରଲାଲ ଦରିଦ୍ର ରତନ,
ମାନ ଉଦ୍ଧାରଣ ବୀର,
ସକଳ ବିଦ୍ୟା ମଣ୍ଡିତ ପଣ୍ଡିତ ପ୍ରବର ।

( ୨ )

ଭାରତ ବିଖ୍ୟାତ ମୋତିଲାଲ ବିଜ୍ଞବର,
ଆଇନ ଶାସ୍ତ୍ରରେ ଥିଲେ ଅତି ଧୁରନ୍ଧର,
ତୁମ୍ଭେ ତାଙ୍କ ଯୋଗ୍ୟସୁତ ;
ସେହି ଅଗ୍ନି କଣା ତବ ପ୍ରାଣେ ପ୍ରଜ୍ୱଳିତ ।

( ୩ )

ସୁଦୂର ପାଶ୍ଚାତ୍ୟ ରାଜ୍ୟେ ଆବାଲ୍ୟରୁ ବଢି,
ବହୁଜ୍ଞାନ ଅରଜିଲ ନାନା ଶାସ୍ତ୍ର ପଢି,
ପୁଣି ଆଇନ ବିଦ୍ୟାରେ,
ଅଦ୍ୱିତୀୟ ବୋଲାଇଲ ଭାରତ ମଧ୍ୟରେ ।

( ୪ )

ଏକମାତ୍ର ପୁତ୍ର ବୋଲି ପିତା ମାତାଙ୍କର,
ରାଜପୁତ୍ର ସମାନରେ ଥିଲ ସୁକୁମାର,
କିଛି ନ ଥିଲା ତ ଚିନ୍ତା,
ତୁମ୍ଭ ହାତେ ବହୁ ବିତ୍ତ ଗଚ୍ଛିଥିଲେ ପିତା ।

( ୫ )

ସର୍ବଶ୍ରେଷ୍ଠ ଉପାଧିରେ ହୋଇ ବିଭୂଷିତ,
ପାଶ୍ଚାତ୍ୟ ଶିକ୍ଷା କ୍ଷେତ୍ରରୁ ସ୍ୱଦେଶେ ଆଗତ,
କିନ୍ତୁ ତୁମ୍ଭର ଅନ୍ତର-
ମଣିଲା ସେ ସମ୍ମାନକୁ ବିଷମ ପ୍ରକାର ।

( ୬ )

ଧନବନ୍ତ, ଗୁଣବନ୍ତ ପୁଣି ଜ୍ଞାନବନ୍ତ,
ଏକାଧାରେ ପରିପୂର୍ଣ୍ଣ ଥିଲ ଅବିରତ,
ତେଜି ସବୁ ଧନ, ମାନ,
ଦେଶ-ଦଶହିତେ ଢାଳିଦେଲ ମନ ପ୍ରାଣ ।

( ୭ )

ଶୋଷଣ ନୀତି ପୂରିତ ବ୍ରିଟିଶ ଶାସନ,
ଦେଲୁ ଦେଲ ଭାରତକୁ କଲା ଦୀନହୀନ,
ଭୋଗି ଅଶେଷ ଦୁର୍ଗତି-
ଲଭିଲେ ଦରିଦ୍ର ଦଶା ଭାରତ ସନ୍ତତି ।

( ୮ )

ସୁନାର ଭାରତ ଭୂଇଁ ଚୂନା ହୋଇଗଲା,
ଝୁରି ଝୁରି ଅବିରଳ ଧନ ନ ସରିଲା,
ଧନୀ ଦରିଦ୍ର ସମସ୍ତେ,
ନ ଭୋଗିଲେ କେହି ଜଣେ ଶାନ୍ତି ଏ ଭାରତେ !

( ୯ )

କପଟ ଭାବେ ପୂର୍ବେ ଫିରିଙ୍ଗି ବେପାରୀ
କ୍ରମେ କ୍ରମେ ଭାରତରେ ହେଲେ ଅଧିକାରୀ;
ନାନା ଭେଲିକି ଲଗାଇ-
ମାହାଲିଆ ମାରିନେଲେ ଏ ସୁବର୍ଣ୍ଣ ଭୂଇଁ ।

( ୧୦ )

ପାଇଲେ ଯେ କାଳେ ଭାରତରୁ ବହୁ ଲାଭ,
ବଢିଲା ଅଶେଷ ଭାବେ ତାଙ୍କ ତୃଷ୍ଣାଭାବ;
କରି ଛଳ କଉଶଳ-
ବହିନେଲେ ଭାରତରୁ ଧନ ଅବିରଳ ।

( ୧୧ )

କଙ୍କାଳ ମାତ୍ର ରଖିଲେ ଭାରତମାତାର,
ରକତ ମାଉଁସ ହିଁଣି କଲେ ଜାରଖାର;
ଏ ତ ବିଧି ବିଡ଼ମ୍ବନା;-
ବିଦେଶୀ ହସ୍ତେ ଭାରତ ଭୋଗିଲା ଯାତନା ।

( ୧୨ )

ଦେଖି ଲୋକେ ଫିରିଙ୍ଗିର ଅନ୍ୟାୟ ବେଭାର,
କଂଗ୍ରେସ ଗଢ଼ି ଲୋଡ଼ିଲେ ତା'ର ପ୍ରତିକାର;
ଜୁଟେ, ମାତିଲେ ସମସ୍ତେ,
ବେନାର୍ଜୀ, ନାଉରୋଜୀ, ପୁଣି ତୟାବଜୀ ସଙ୍ଗତେ । *

( ୧୩ )

ସେହି ଦିନଠାରୁ କ୍ରମେ କଂଗ୍ରେସ ପୀଠରେ,
ସ୍ୱାଧୀନତା ଲଭ ଆଶା ପୋଷି ହୃଦୟରେ,
କଲେ ଦେଶରେ ପ୍ରଚାର;–
"ସ୍ୱାଧୀନତା ଜନ୍ମଗତ ଦାବୀ ଭାରତର" ।

( ୧୪ )

ଦେଖି ଭାରତ ବାସୀଙ୍କ ନବ ଜାଗରଣ,
ପ୍ରମାଦ ଗଣିଲା ତହୁଁ ବ୍ରିଟିଶ ଶାସନ;
ରାଜଦ୍ରୋହ ନିୟମରେ,–
ଦଣ୍ଡିଲା ଭାରତ ସୁତେ ଅଶେଷ ମତରେ ।

* ପ୍ରଥମ କଂଗ୍ରେସ ଅଧିବେଶନ ୧୮୮୫ ସାଲ ବୋମ୍ବାଇ ନଗରରେ ସ୍ୱର୍ଗତ ବେନାର୍ଜିଙ୍କ ସଭାପତିତ୍ୱରେ, ୨ୟ ୧୮୮୬ ସାଲ କଲିକତା ନଗରରେ ଦାଦାଭାଇ ନାଉରୋଜୀଙ୍କ ସଭାପତିତ୍ୱରେ ଏବଂ ୩ୟ ୧୮୮୭ ରେ ମାନ୍ଦ୍ରାଜରେ ବଦରୁଦ୍ଦିନ ତୟାବଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

( ୧୫ )

'ଖୁଦିରାମ ଫାଶୀ', 'ଅରବିନ୍ଦ ଦ୍ୱୀପାନ୍ତର',
'ଜାଲିୟାନାବାଗ ହତ୍ୟା' ମହା ଭୟଙ୍କର,
ପୁଣି 'ରଉଲଟ ଚଉକ୍'
ଅତ୍ୟାଚାର-ହାହାକାରେ ଫାଟିଗଲା ଧରା ।

( ୧୬ )

ନିରେଖି ଦେଶବାସୀଙ୍କ ଉତ୍ସୁକ ବଦନ,
ଅଧୀର ହୋଇଲ ପ୍ରାଣେ ହେ ଜହରଲାଲ !
ମାତି ଜହର ଧ୍ୟାନରେ-
ମଜିଗଲ ଜାତି ହିତେ ଭୀଷ୍ମ ପ୍ରତିଜ୍ଞାରେ ।

( ୧୭ )

ଧନ, ମନ, ଜୀବନକୁ ଅସାର ମଣିଲ,
ଭୋଗୀର କୁମର ହୋଇ ମହାଯୋଗୀ ହେଲ;
ବାପୁଜୀଙ୍କ ପ୍ରବର୍ତ୍ତିତ-
ଅହିଂସା-ଅସହଯୋଗେ ବଳାଇଲ ଚିତ୍ତ ।

( ୧୮ )

ବହୁ ସ୍ଥାନ ଭାରତରେ ଭ୍ରମି ନିରନ୍ତର,
ସ୍ୱାଧୀନତା ମହାମନ୍ତ୍ର କରିଲ ପ୍ରଚାର;
ଶୁଣି ତୁମ୍ଭ ବୀର ଡାକ-
ଧାଇଁଲେ ଭାରତବାସୀ ଉନ୍ମତ୍ତ ପ୍ରାୟକ ।

( ୧୯ )

ଫିରିଙ୍ଗିର ଅପମାନ, କଠୋର ଶାସନ,
ନିଷ୍ଠୁର କାରା ଭବନେ ଅଶେଷ କଷଣ,
ବୀର ଭାବେ ସହ୍ୟ କଲ;
ତେବେ ସୁଦ୍ଧା ପ୍ରତିଜ୍ଞାରୁ ହଟି ନ ପଡ଼ିଲ ।

( ୨୦ )

ହିନ୍ଦୁ, ମୁସଲମାନ କବା ବୌଦ୍ଧ, ଶିଖ, ଜୈନ,
ଜାତି ଧର୍ମ ନିର୍ବିଶେଷେ କଲ ମନ୍ତ୍ରଦାନ;
ଭୁଲି ଉଚ୍ଚ ନୀଚ ନୀତି
ପ୍ରଚାରିଲ ଦେଶ ସାରା ସାମ୍ୟ, ମୈତ୍ରୀ, ପ୍ରୀତି ।

( ୨୧ )

ସ୍ୱକୀୟ ଯୋଗ୍ୟତା ପଣେ କଂଗ୍ରେସ ପୀଠରେ,
ତିନିବାର ସଭାପତି ହେଲ ଭାରତରେ,
ସେହି ଅତୁଳ ଗୌରବ-
ସ୍ୱଳ୍ପ ଲୋକ ଭାଗ୍ୟେ ବିନା ହୁଅଇ ସମ୍ଭବ ।

( ୨୨ )

ତୁମ୍ଭର ଅଟଳ ବାଣୀ ମହତ ପ୍ରେରଣା-
ଆଣିଲା ଭାରତ ପ୍ରାଣେ ନବ ଉନ୍ମାଦନା;
କୋଟି କୋଟି ନାରୀନର
ସ୍ୱାଧୀନତା ଲଭେ ହେଲେ ଏକାନ୍ତ ଆତୁର ।

( ୨୩ )

ପଣ୍ଡ କର ଦେବାପାଇଁ ଭାରତ ଆପତ୍ତି,
ଯେତେ ସୁଏ ଖଞ୍ଜିଦେଲା ବ୍ରିଟିଶ ଶକତି,
ସବୁ ହୋଇଲା ବିଫଳ,
ଦ୍ୱିଗୁଣ ମାତିଲେ ଲୋକେ ପାଇ ତବ ବଳ ।

( ୨୪ )

ଦେଲୁ ଦେଲ ଭକ୍ତିଭାବ ଖେଳିଲା ଦେଶରେ,
ଆଇନ ଅମାନ୍ୟ ନୀତି ଗୃହିଲା ଶେଷରେ;
ସେ କି ହେବ ଅକାରଣ ?
"ଅହିଂସ ଅସହଯୋଗ" ଅବ୍ୟର୍ଥ ସନ୍ଧାନ ।

( ୨୫ )

ଶେଷେ ଭାଙ୍ଗି ପଡ଼ିବାରୁ ବିଦେଶୀ ଶାସନ,
ତାଙ୍କ ତହୁଁ ବଡ଼ଲାଟ କଲେ ସମାଧାନ
"ଊନବିଂଶ ସତ୍ଚାଳିଶ-
ଅଗଷ୍ଟ ପନ୍ଦର" ହେଲା ସ୍ୱାଧୀନ ଦିବସ ।

( ୨୬ )

ପ୍ରଧାନ ସଚିବ ପଦେ ତୁମ୍ଭଙ୍କୁ ବରିଲେ,
ଭାରତ ଶାସନ ଭାର ଶୁଭେ ସମର୍ପିଲେ;
ଖେଳିଗଲା ମହାନନ୍ଦ,
ଉତ୍ସବେ ମାତିଲେ ଭାରତୀୟ ପ୍ରଜାବୃନ୍ଦ ।

( ୨୭ )

ବାଜିଲା ବିବିଧ ବାଜା ବିବିଧ ରଙ୍ଗରେ,
ଉଡ଼ିଲା ସ୍ୱରାଜ ଧ୍ୱଜା ବିବିଧ ରଙ୍ଗରେ,
ସେ ତ ଅଦ୍ଭୁତ କଳ୍ପିତ-
ଚରଖା ବଦଳେ ହେଲା ଚକ୍ରରେ ଚିତ୍ରିତ ।

( ୨୮ )

ଦ୍ୱାରେ ଦ୍ୱାରେ ପୂର୍ଣ୍ଣକୁମ୍ଭ ରମ୍ଭା ତରୁମାନ-
ରସାଳ ପଲ୍ଲବମାଳେ ଦିଶିଲା ଯତନ;
ପ୍ରତି ଶୃଙ୍ଗାଟକ ପରେ-
ଶୋଭିଲା ତୋରଣ ରାଜି ସ୍ୱରାଜ ନୀତରେ ।

( ୨୯ )

ପୁରେ, ଗ୍ରାମେ, ଜନପଦେ, ବିପଣୀ ମଧ୍ୟରେ-
ମାତିଲେ ସକଳେ ଅଭିନବ ପ୍ରମୋଦରେ;
ଟେକି ସ୍ୱରାଜ କେତନ,
ଗାଇଲେ ଭାରତବାସୀ ଉଲ୍ଲାସେ ଏସନ ।

## —ବିଜୟ ଗାନ—

ଆସ ହେ ସ୍ୱାଧୀନ- ଭାରତ ସନ୍ତାନ
ଗାଅ ହେ ଜନନୀ ଜୟ,

ବହୁ ଦିନ ପରେ ଆଜି ଭାରତରେ
ଲୁଟିଛି ବ୍ରିଟିଶ ଭୟ । ପଦ ।
ଭାଙ୍ଗି ପଡ଼ିଅଛି ବିଦେଶୀ ଶାସନ
ଲିଭି ଯାଇଅଛି ଭୀଷଣ ଦମନ
ହେଜି ପୂର୍ବ ଗୀତ ସାମ୍ୟ, ମୈତ୍ରୀ, ପ୍ରୀତି
ଗାଅ ଭାରତର ଜୟ । ୧ ।
ନବୀନ ସାହସ ନବ ଜାଗରଣ,
ନବବଳ ହୃଦେ କର ହେ ଧାରଣ;
ହେଉ ନିରନ୍ତର ସବୁରି ଅନ୍ତର
ନବ ଭାବେ ମଧୁମୟ । ୨ ।
ସପ୍ତତ୍ରିଂଶ କୋଟି ଭାରତ ସନ୍ତାନ,
ହିନ୍ଦୁ, ମୁସ୍ଲମାନ, ବୌଦ୍ଧ, ଖ୍ରୀଷ୍ଟିୟାନ;
ଭୁଲି ଭେଦ ନୀତି ସମ ଭାବେ ମାତି
ଗାଅ ସ୍ୱାଧୀନତା ଜୟ । ୩ ।
ସେ ମୋହନ-ମନ୍ତ୍ର ଜପି ଅବିରାମ,
ପାଳ ସତ୍ୟପୂତ ଅହିଂସା ଧରମ,
ଜହର ଠାଟରେ ସୁଭାଷ ପଣରେ
ଗାଅ ହିନ୍ଦୁସ୍ଥାନ ଜୟ ।

—✱○✱—

( ୩୦ )

ଦୁର୍ଲ୍ଲଭ ସ୍ୱାଧୀନ ସୁଖ ସମ୍ଭୋଗ କାଳରେ,
ଦୁର୍ଯୋଗ ବତାସ ଆସି ବହିଲା ଦେଶରେ;
ହିନ୍ଦୁ ମୁସ୍ଲମାନ ବେନି-
ପରସ୍ପରେ ମାତିଗଲେ ବିରୋଧିତା ଘେନି ।

( ୩୧ )

ହିନ୍ଦୁସ୍ଥାନ ପାକିସ୍ଥାନ ଦୁଇଗୋଟି ରାଜ୍ୟ,
ବେନି ଖଣ୍ଡ ହୋଇଗଲା ଭାରତ ସାମ୍ରାଜ୍ୟ
ସବୁ ବ୍ରିଟିଶର ଖେଳ,
ଶତଚେଷ୍ଟା ଶତବାଧା ହୋଇଲା ବିଫଳ ।

( ୩୨ )

ଯେଉଁ ଆଶା ପୋଷିନେଲା ଭାରତ ଶାସନ,
ସେ ଆଶା ଅବଧି ହୋଇନାହିଁ ପରିପୂର୍ଣ୍ଣ;
ନାନା ବିଘ୍ନ ଉପୁଜନ୍ତି-
ତୁମ୍ଭ ସୁକଳ୍ପିତ ନୀତି ଅପୂର୍ଣ୍ଣ ରହନ୍ତି ।

( ୩୩ )

ଭାରତର ଦୁଃଖରାଶି ନେବାପାଇଁ ହରି-
ସତେ କି ପେଷିଅଛନ୍ତି ତୁମ୍ଭଙ୍କୁ ଶ୍ରୀହରି;
ତାଙ୍କ ଶୁଭ ଇଙ୍ଗିତରେ-
ସାଧୁଛି ଭାରତ ହିତ ଅଶେଷ ଭାବରେ ।

( ୩୪ )

ସପ୍ତତ୍ରିଂଶ କୋଟି ସୁତ ଭାରତ ମାତାର,
ସମସ୍ତଙ୍କ ମଧ୍ୟେ ଶ୍ରେଷ୍ଠ ଆସନ ତୁମ୍ଭର;
ତୁମ୍ଭ ସମ ଗୁଣବନ୍ତ-
ଜନ୍ମି ନାହିଁ ଆଉ ଜଣେ ଭାରତରେ ପୁଣ ।

( ୩୫ )

ନୋହିଲେ କି ବିଶ୍ୱଜୟୀ ବ୍ରିଟିଶ ଶକତ,
ପ୍ରକାଶ କରନ୍ତା ତୁମ୍ଭ ପ୍ରତି ପ୍ରେମ-ଭକ୍ତ ?
ନୁହେ ସାମାନ୍ୟ ବିଷୟ-
ସ୍ୱକୀୟ ଯୋଗ୍ୟତା ଗୁଣେ ହେଲ ମହନୀୟ ।

( ୩୬ )

ତୁମ୍ଭ ଜନ୍ମ ନୁହେ ଖାଲି ଭାରତର ହିତେ,
ବିଶ୍ୱବାସୀ ତୁମ୍ଭ ଗୁଣେ ମୁଗ୍ଧ ପୁଲକିତେ;
ତୁମ୍ଭ ମହତ-ଜୀବନ-
ହୋଇଛି ସାରା ସୃଷ୍ଟିରେ ଅମୂଲ୍ୟ ରତନ ।

( ୩୭ )

ହେ ବିଶ୍ୱବରେଣ୍ୟ ଲଭ ସୁଦୀର୍ଘ ଜୀବନ,
କର ଅବିରଳ ଜନ ମଙ୍ଗଳ ସାଧନ;
ପ୍ରଭୁ ଜଗତକାରଣ-
ସହାୟ ହୁଅନ୍ତୁ ତୁମ୍ଭ କାର୍ଯ୍ୟେ ଅନୁକ୍ଷଣ ।

( ୩୮ )

ସତ୍ୟ ପଥେ ଧର୍ମ ପଥେ ଭାରତ ସନ୍ତାନେ,
ଚଳାଅ ଅନବରତ ସୁନୀତି ଶାସନେ;
ଏତେ ମାନଙ୍କ ମାଗୁଣି,
ଦେନ ଦାନ ଭକ୍ତି-ଦୁବା ଅହ୍ନେ ବିଙ୍କମଣି ।

## —ସୁଭାଷଚନ୍ଦ୍ର—

( କଲ୍ୟାଣ ଆହାରୀ—ବୃତ୍ତେ )

—୧—

ଭାରତ ଜନନୀ    ସୀମନ୍ତର ମଣି
ଆହେ ବୀରବର ସୁଭାଷ !
ବହୁଦିନ ହେଲା    କାହିଁ ଲୁଚିଲ
ତୁମ୍ଭର ସେ ମୁଖ ସାରସ,
ବୀର ହେ ! ଆଉ କି ନ ହେବ ପ୍ରକାଶ;
ତୁମ୍ଭ ବିହୁନରେ    ଅନ୍ଧାର ଦିଶୁଛି
ସ୍ୱଦେଶ ଗୌରବ-ଆକାଶ ।

—୨—

ଉଇଁ ଆସିଥିଲ    ଭାରତ ଭାଗ୍ୟରେ
ଶରତ ଚନ୍ଦ୍ରମା ସଦୃଶ,
କେଉଁ କଳା ମେଘ    କାଳ ହେଲା ଆସି
କରିଛି ତୁମ୍ଭଙ୍କୁ ଅଦୃଶ୍ୟ;
ବୀର ହେ ! ମିଳୁନାହିଁ କିଛି ନିର୍ଦ୍ଦେଶ;
ଆଉ କେତେ କାଳ    ରହିବ ସେ ଭଳି
ପାଶୋରି ତୁମ୍ଭର ସ୍ୱଦେଶ ।

—୩—

ତୁମ୍ଭ ବନ୍ଧନରେ          ପାଗଳିନୀ ହୋଇ
ଭାଳୁଛନ୍ତି ଭାରତ ବରଷ,
ସଜଳ ନୟନେ          ସରଣୀକୁ ଚାହିଁ
ସାରୁଛନ୍ତି ରଜନୀ ଦିବସ;
ବୀର ହେ—କାହିଁକି କରୁଛ ନିରାଶ ?
ଯେତିକି ତୁମ୍ଭର          ବିଳମ୍ବ ଘଟୁଛି
ତେତିକି ବଢୁଛି ପିଆଶ ।

—୪—

ଧନ୍ୟ ହୋଇଥିଲେ          ଭାରତ ସନ୍ତାନେ
ଲଭି ତୁମ୍ଭ ପୁଣ୍ୟ ପରଶ,
ଛୁଟିଥିଲ ମନୁ          ନୀଚ ଦୁର୍ବଳତା
ଫୁଟିଥିଲ ଦମ୍ଭ ସାହସ;
ବୀର ହେ—କେଉଁ ଦୋଷେ ଏତେ ବିରସ ?
ଅସନ୍ତୋଷ ଚିତ୍ତେ          ଛାଡ଼ି ଚାଲିଗଲ
ଗଡ଼ିଗଲ ସାତ ବରଷ ।

—୫—

ଉଜ୍ଜ୍ୱଳ ଗୌରବ          ଜାନକୀ ବଲ୍ଲଭ
ବୁଦ୍ଧି ବିବେକରେ ସରସ,
ଉତ୍କଳଟୀ ପତି          ବଙ୍ଗଦେଶ ଛାଡ଼ି-
କଲେ ଓଡ଼ିଶାରେ ନିବାସ;

ବୀର ହେ—ସେହି ବିଚକ୍ଷଣ ପୁରୁଷ,
ଥିବାରୁ ଜନକ    ତାଙ୍କ ଗୃହିଣୀଙ୍କ
ଗର୍ଭଠାରେ କଲ ପ୍ରବେଶ ।

—୬—

କଟକ ନଗରେ    ଜନମି ଶୁଭରେ
ବାଲ୍ୟଲୀଳା କଲ ପ୍ରକାଶ,
ତୁମ୍ଭର ବଦନ    କରି ଦରଶନ
ଜନକ ଜନନୀ ହରଷ;
ବୀର ହେ—ସ୍ନେହେ ନାମ ଦେଲେ ସୁଭାଷ,
ଚନ୍ଦ୍ରମା ଗୁଣରେ    ସମ ଲଭିବାରେ
"ସୁଭାଷଚନ୍ଦ୍ର" ତ ବିକାଶ ।

—୭—

ବାଲ୍ୟ ଶିକ୍ଷା ଶେଷେ    ଉଚ୍ଚ ଶିକ୍ଷା ଆଶେ
ଲଭି ପିତୃଦେବ ଆଦେଶ,
କଲିକତା ଯାଇ    ମନ ପ୍ରାଣ ଦେଇ
କଲ ଇଙ୍ଗିରାଜୀ ଅଭ୍ୟାସ;
ବୀର ହେ ! ତୁମ୍ଭ ସ୍ମୃତିଶକ୍ତି ଅଶେଷ,
ଅଳପ ଦିନରେ    ଯୋଗ୍ୟତା ଗୁଣରେ
ହେଲ ଅଦ୍ୱିତୀୟ ପୁରୁଷ !

—୮—

ଆବାଲ୍ୟ ତୁମ୍ଭର ଦେଶ ହିତକର
କାର୍ଯ୍ୟେ ଥିଲା ଅଭିନିବେଶ,
ବୟୋବୃଦ୍ଧି ସଙ୍ଗେ ବିବିଧ ପ୍ରସଙ୍ଗେ
ବଢ଼ିଲା ହୃଦେ ତା ବିଶେଷ;
ବୀର ହେ ! ଯେ କାଳେ କିଶୋର ବୟସ-
ଦେଖି ଦୁନିଆର ଦୁର୍ଗତି ବେଭାର
ଭାବିଲ ହେବାକୁ ସନ୍ନ୍ୟାସ ।

—୯—

ଦିନେ ଏକାନ୍ତରେ ପିତୃ ଅଜ୍ଞାତରେ
ଚାଲିଗଲ ତେଜି ନିବାସ,
ବୈରାଗ୍ୟ ମଦରେ ହିମାଦ୍ରି କନ୍ଦରେ
କଲ ଆନନ୍ଦରେ ପ୍ରବେଶ;
ବୀର ହେ ! ଭେଟି ଜଣେ ସାଧୁ ପୁରୁଷ,-
ନିରେଖି ତାଙ୍କର ମହିମା ଅପାର
କଲ ଅଭିଳାଷ ପ୍ରକାଶ ।

—୧୦—

ତୁମ୍ଭ ରୂପ କାନ୍ତି ଦେଖି ମହାଯତି
କହିଲେ ଏମନ୍ତ ଆଶ୍ୱାସ,
କିଶୋର ବୟସ କୁମାର ସଦୃଶ
ଅବଧି ତୁମ୍ଭର ସନ୍ନ୍ୟାସ;

ବୀର ହେ ! ଫେର ଯାଅ ଗୃହେ ସ୍ୱଦେଶ,
ତୁମ୍ଭଙ୍କୁ ନ ଦେଖି ଜନକ ଜନନୀ
ହେଉଥିବେ ବଡ଼ ହତାଶ ।

—୧୧—

ଯେ' ଦିନେ ଭାରତେ ସ୍ୱାଧୀନତା ହିତେ
ଜାଳିବ ବିପ୍ଳବ ହୁତାଶ,
ସେ ବୀର ପୁରୁଷ ହେବାକୁ ସନ୍ନ୍ୟାସ
ନ ଥିଲା ତ ବିଧି ନିର୍ଦ୍ଦେଶ;
ବୀର ହେ ! ମାନି ସାଧୁଙ୍କର ଆଦେଶ,
ଫେରିଲ ସଦନେ ଭବିଷ୍ୟ ସନ୍ଧାନେ
ବଳିଗଲା ତୁମ୍ଭ ମାନସ ।

—୧୨—

ଦେଶକାଳ ରୀତି ଅବସ୍ଥାକୁ ଚିନ୍ତି
ସିନ୍ଧୁ ଲଙ୍ଘି ଗଲ ପ୍ରବାସ,
ଲଣ୍ଡନ ନଗରେ ମନ ଆବେଗରେ
ରାଜନୀତି କଲ ଅଭ୍ୟାସ;
ବୀର ହେ ! ହେଲ ସେହି ଶାସ୍ତ୍ରେ ନିପୁଣ;
ସ୍ୱଦେଶେ ବାହୁଡ଼ି ଶାସନ କ୍ଷେତ୍ରରେ
କଲ ଉଚ୍ଚ କାର୍ଯ୍ୟ ଗ୍ରହଣ । *

* ସୁଭାଷଚନ୍ଦ୍ର ବିଲାତରୁ ଆଇ. ସି. ଏସ୍. ପାସ୍ କରି ବଙ୍ଗଦେଶରେ ଆସିଷ୍ଟାଣ୍ଟ କଲେକ୍ଟର କାର୍ଯ୍ୟ କରୁଥିଲା-

— ୧୩ —

ଏମନ୍ତ ବେଳରେ ସାବରମତିରେ
ବାଜିଲା ମୋହନ ମୁରଲୀ,
ସେ ଉଚ୍ଚାଟ ସ୍ୱର ଶ୍ରବଣେ ତୁମ୍ଭର
ମନ ପ୍ରାଣ ଗଲା ତରଳି;
ବୀର ହେ ! ଛାଡ଼ିଲ ଗୋଲାମୀ ଚାକିରୀ,
ବାପୁଜୀ କଳ୍ପିତ ଅସହଯୋଗକୁ
ନେଲ ଦୃଢ଼ ଭାବେ ଆଦରି ।

— ୧୪ —

ଏକ ହସ୍ତେ ଧରି ଗାନ୍ଧୀଧର୍ମ-ବତୀ
ଅପରେ ବିପ୍ଳବ-ମସାଲ,
ପର୍ଯ୍ୟଟକ ତୁଲେ ଭାରତ ଭୂଇଁରେ
ସ୍ୱମତ ପ୍ରଚାର ବୁଲିଲ;
ବୀର ହେ ! ମତାଇ ଅସହଯୋଗରେ,
ବତାଇଲ ଜନେ ସ୍ୱାଧୀନ-ସରଣୀ
ତତାଇ ବିପ୍ଳବ-ତେଜରେ ।

— ୧୫ —

ଯେଉଁ ଶାସନର ସ୍ୱାର୍ଥନୀତି-ମୂଳ
ଭେଦନ୍ତି ପାତାଳପୁରକୁ,

ବେଳେ ସ୍ୱରାଜ ଆନ୍ଦୋଳନରେ ଯୋଗ ଦେଇ ଉକ୍ତ କାର୍ଯ୍ୟ ପରିତ୍ୟାଗ କରିଥିଲେ ।

ଅହିଂସାର ଶକ୍ତି କେତେ ବା ଏ ଯୁଗେ
ଉପାଡ଼ି ପାରିବ ତାହାଙ୍କୁ;
ସେ କଥା, ବିନା ବିପ୍ଳବରେ ନୋହିବ,
ସ୍ୱରାଜ ନୁହଇ "ଦିଲ୍ଲୀକା ମିଠାଇ"
ସହଜେ ଲୋକଙ୍କୁ ମିଳିବ ।

—୧୬—

ତୁମ୍ଭର ବିପବ- ଘୋଷଣା ଶ୍ରବଣେ
ଚମକି ପଡ଼ିଲା ବ୍ରିଟିଶ,
ରାଜବନ୍ଦୀ ରୂପେ ଅଟକ କରିଲା
ବିଳମ୍ବ ନ କରି ନିମେଷ;
ବୀର ହେ ! ଘନ ଘନ ଏହି ପ୍ରକାରେ,
କାରାଗାରେ ରହି ସୁକୁମାର ପ୍ରାଣେ
ସ୍ୱାସ୍ଥ୍ୟଭଙ୍ଗ ହେଲା ଶେଷରେ ।

—୧୭—

"ରାଜଯକ୍ଷ୍ମା" ରୋଗେ ପୀଡ଼ିତ ହେବାରୁ
ଚହଳ ପଡ଼ିଲା ଜଗତେ,
ଅଗତ୍ୟା ଫିରିଙ୍ଗି ପେଷିଲା ତୁମ୍ଭଙ୍କୁ
ପାଶ୍ଚାତ୍ୟେ ଆରୋଗ୍ୟ ନିମନ୍ତେ;
ବୀର ହେ ! ଭାରତମାତାର ଆଶୀଷେ,
ଅଳପ ଦିନରେ ଆରୋଗ୍ୟ ଶରୀରେ
ବାହୁଡ଼ିଲ ପୁଣି ସ୍ୱଦେଶେ ।

—୧୮—

ବିପ୍ଳବ-ଯାହାର ଅନ୍ତରେ ଜଳୁଛି
ବୀରତ୍ୱେ ମାତୁଛି ଜୀବନ,
ସେ କି କେବେ ନିଜ- ଉଦ୍ଦେଶ୍ୟ ସାଧନେ
ହଟିଯିବ ଦେଖି ଦମନ ?
ବୀର ହେ ! କାରାମୁକ୍ତ ଲଭି ଦେଶରେ,
ପ୍ରଚାରିଲ ପୁଣି ସେ ବିପ୍ଳବ-ବାଣୀ
ନୋଆଖାଲି କେଶରୀ ତେଜରେ ।

—୧୯—

ଯେଉଁ ବିପ୍ଳବର- ଅଗ୍ନି ଶିଖା ଜାଳି
ଉଦ୍‌ବୁଦ୍ଧ କରିଛ ଦେଶକୁ,
ସେହି ବିପ୍ଳବର ମହାମନ୍ତ୍ରେ ପୁଣି
ମୁଗ୍ଧ କଲ ଆସି ଲୋକଙ୍କୁ ;
ବୀର୍ ହେ ! ତୁମ୍ଭର ବୀରତ୍ୱ କାହାଣୀ,
ଭାରତ ବକ୍ଷରେ ଚିର ସ୍ୱର୍ଣ୍ଣାକ୍ଷରେ
ଲେଖିବ ଅମର-ଲେଖଣୀ ।

—୨୦—

ଅହିଂସା ନୀତିରେ ବିପ୍ଳବର ସ୍ଥାନ
ନ ଦେଖି ହେ ବୀରରତନ !

କଂଗ୍ରେସକୁ ତେଜି "ଫରୱାର୍ଡ" ଦଳ
କଲ ସ୍ୱମତରେ ଗଠନ;
ବୀର ହେ ! ତୁମ୍ଭର ମହତ ଉଦ୍ଦେଶ୍ୟ,
ବିପ୍ଳବ ବାଟରେ ପୂର୍ଣ୍ଣ ହେବ ବୋଲି
ପାଇଥିଲ ବିଧି ନିର୍ଦ୍ଦେଶ ।

—୨୧—

ତୁମ୍ଭ "ଫରୱାର୍ଡ"- ଦଳକୁ ସର୍କାର
କଲା ବେଆଇନି ଘୋଷଣା,
ଦମନ ଉଦ୍ଦେଶ୍ୟ କେତେ ନୂଆ ନୂଆ
"ଅର୍ଡିନାନ୍ସ" କଲା ସର୍ଜନା;
ବୀର ହେ ! କରିବାରୁ ତାହା ଅମାନ୍ୟ,
ଅସଂଖ୍ୟ ମାମଲା ତୁମ୍ଭ ବିରୁଦ୍ଧରେ
ସୃଷ୍ଟି କଲା ତହୁଁ ବ୍ରିଟେନ ।

—୨୨—

ସେହି ସମୟରେ ଯାପାନ ଜର୍ମାନ
ମାତିଲେ ଇଉରୋପ ସମରେ,
ତହୁଁରେ ତୁମ୍ଭଙ୍କୁ- ସନ୍ଦେହେ ବ୍ରିଟିଶ
ରଖିଲା ଅଟକ ଭାବରେ
ବୀର ହେ ! ନିଜ ଘର ମଧ୍ୟେ ପୂରାଇ,

କଠୋର ବ୍ୟବସ୍ଥା ଖଞ୍ଜିଦେଲ ତହିଁ
ଅସଂଖ୍ୟ ପ୍ରହରୀ ଘେରାଇ ।

— ୨୩ —

ଘନେ ଅତର୍କିତେ ଅଦୃଶ୍ୟ ହୋଇଲ
ନଜରବନ୍ଦୀରୁ ଗୁପତେ,
ତୁମ୍ଭ ଅନ୍ତର୍ଦ୍ଧାନ ବାରତା ପ୍ରସରି
ଚହଲାଇ ଦେଲା ଭାରତେ;
ବୀର ହେ ! ଖୋଜିଲେ ଯେତେକ ଗୁଇନ୍ଦା,
ସେ କି ସହଜରେ ପାଇବେ ତୁମ୍ଭଙ୍କୁ
ଦେଖାଇଥିଲ ବଡ଼ କାଇଦା ।

— ୨୪ —

ଯେ ବୀର କରନ୍ତି ମରଣେ ବରଣ
ଜନନୀ କଷଣ ମୋଚନେ,
ସେ କି ଅତ୍ୟାଚାରୀ ବ୍ରିଟିଶ ଦାରଣ-
ମାନବ ଯୌବନ ଜୀବନେ ?
ବୀର ହେ ! ଚିହ୍ନା ଦେଇ ଜଗୁଆଳୀଙ୍କି,
ଇନ୍ଦ୍ରଜାଲ ଭଳି ଚାଲିଗଲ ଘରୁ
ଲଗାଇ କାଉଁରୀ ଭେଲିକି ।

—୨୫—

ଫକୀର ବେଶରେ    କାବୁଲ ଦେଶରେ
ପ୍ରବେଶିଲ ଲଭି ବ୍ୟଗ୍ରତା,
ଥାଉ ନର କଥା    ସେ' କାଳେ ତୁମ୍ଭଙ୍କୁ
ଚିହ୍ନି ନ ପାରିଲେ ଦେବତା;
ବୀର ହେ ! କିଛି ଦିନ ରହି ସେ ସ୍ଥାନେ,
ରୁଷିଆ ଯତନେ    ଗଳିଲ ବନ୍ଧନେ
ତଦନ୍ତେ ସୁଦୂର ଯାପାନେ ।

—୨୬—

ସଭ୍ୟ ଦେଶ ମଧ୍ୟେ    ଯାପାନ ସାମ୍ରାଜ୍ୟ
ଶକ୍ତିଶାଳୀ ନାମେ ବିଖ୍ୟାତ,
ସେ ଶକ୍ତିକୁ ଧରି    ଭାରତ ଉଦ୍ଧାର-
ନେବାକୁ କରିଲ ସିଦ୍ଧାନ୍ତ;
ବୀର ହେ ! ଦେଖି ତୁମ୍ଭ ଭୀଷ୍ମ ପ୍ରତିଜ୍ଞା,
ବୀରର ପୂଜାରୀ    ଯାପାନ କେଶରୀ
ନ କଲା ତୁମ୍ଭଙ୍କୁ ଅବଜ୍ଞା ।

—୨୭—

ତାଙ୍କ ସାହାଯ୍ୟରେ    କଲ ସିଙ୍ଗାପୁରେ
"ଆଜାଦ ଫଉଜ" ଗଠନ,

ତୁମ୍ଭ ଅଗ୍ନି ତୁଲ୍ୟ ବକ୍ତୃତା ଶ୍ରବଣେ
ଜନଗଣେ ହେଲେ ଉଚ୍ଛୁଳ;
ବୀର ହେ ! ଭାରତ ମୁକତି ହେତରେ,
ଶେଠ ସାହୁକାର ଲକ୍ଷ ଲକ୍ଷ ଟଙ୍କା
ଢାଳିଦେଲେ ଅଯାଚିତରେ ।

—୨୮—

ମନ ଥିଲେ ହୃଢ଼ ଉପାୟ ମିଳଇ
ଆପେ ଆସି ଲୋକ ନିକଟେ,
ତୁମ୍ଭ ପ୍ରତିଷ୍ଠିତ "ଆଜାଦ ଫଉଜେ"
ଯୋଗ ଦେଲେ ଲୋକ ଉତ୍କଣ୍ଠେ;
ବୀର ହେ ! ଯୁବକ ଯୁବତୀ ଅସଂଖ୍ୟ,
ଦେଶୋଦ୍ଧାର ବ୍ରତ- ହୃଢ଼ତା ପଣରେ
ଫଉଜରେ ହେଲେ ସୈନିକ ।

—୨୯—

ତୁମ୍ଭ ଶିକ୍ଷା ଦୀକ୍ଷା- କାଇଦା ପଣରେ
ଅଲପ ଦିନରେ ଫଉଜ-
ବୈଜ୍ଞାନିକ ଯୁଦ୍ଧେ ଧୁରନ୍ଧର ହେଲେ
ମଣିଲେ ସକଳ ଆଶ୍ଚର୍ଯ୍ୟ;
ବୀର ହେ ! ସେ ଭଳି ଶିକ୍ଷିତ ସେନାଣୀ,

ବରଷ ଗୋଟାକେ କର ପାରନାହିଁ
ରୁଷିଆ, ଯାପାନ, ଜର୍ମାନୀ ।

—୩୦—

ସେହି ଯୋଗ୍ୟତମ ସୈନିକ ସାହାଯ୍ୟେ
ଯାପାନ ଭାରତ ଧାଇଁଲା,
କଲିକତା ପୁଣି ରେଙ୍ଗୁନ ନଗରେ
ଘନ ଘନ 'ବୋମା' ଫିଙ୍ଗିଲା ।
ବୀର ହେ ! ସବୁ ତ ତୁମ୍ଭର ବିଧାନ,
ସେ ବିଧିରେ ଦେଶ- ସ୍ୱାଧୀନ ହୋଇଛି
ହଟି ଯାଇଅଛି ବ୍ରିଟେନ ।

—୩୧—

ୟୁରୋପ ସମରେ ପରାସ୍ତ ହୁଅନ୍ତେ
ଜର୍ମାନୀ, ଇଟାଲି, ଯାପାନ,
ସେହି କାଳୁ ତୁମ୍ଭେ କାହିଁ ରହିଅଛ
ମିଳୁନାହିଁ କିଛି ସନ୍ଧାନ;
ବୀର ହେ ! ହେଲାଣି ତ ଦେଶ ସ୍ୱାଧୀନ,
ତୁମ୍ଭ ଅଭିଲାଷ ପୂର୍ଣ୍ଣ ହେଲା ଏବେ
ନ ଦିଅ କାହିଁକି ଦର୍ଶନ ?

—୩୨—

କହିଥିଲ ପରା ସ୍ୱରାଜ ମିଳିଲେ
ନୂଆଦିଲ୍ଲୀ-ଲାଲକିଲ୍ଲାରେ-
ବାପୁଜୀଙ୍କି ନେଇ ବସାଇବ ତହିଁ
ସ୍ୱାଧୀନ ପତାକା ତଳରେ;
ବୀର ହେ ! କରିବ ଚରଣ ବନ୍ଦନା,
ଏବେ ତ ଭାରତ ସ୍ୱାଧୀନ ହୋଇଛି
ଅପୂର୍ଣ୍ଣ ରହିଛି କାମନା ।

—୩୩—

ତୁମ୍ଭ ବିହୁନରେ ବାହୁନେ ଭାରତ
ଯେସନେ କୌଶଲ୍ୟା ଜନନୀ-
ବାହୁନିଲେ ପୂର୍ବେ ରାମଚନ୍ଦ୍ର ଲାଗି
ଆକୁଳେ ଦିବସ ରଜନୀ;
ବୀର ହେ ! ଫେରିଥିଲେ ରାମ ନବରେ,
ତୁମ୍ଭେ କାହିଁପାଇଁ ନ ଫେରୁଛ ଏବେ
ସେହି ଚନ୍ଦ୍ର ଥାଇ ନାମରେ ।

—୩୪—

ଆଜ ଥରେ ପରା ଧନଞ୍ଜୟ ଲାଗି
କାନ୍ଦିଥିଲେ କୁନ୍ତୀ ସୁନ୍ଦରୀ,

ପାଞ୍ଚପୁଅ ଥାଇ ମନ ନ ବୁଝିଲା
ଅର୍ଜୁନଙ୍କୁ ହେଲେ ସୁମର ।
ବୀର ହେ ! ଭେଟିଲେ ସୁତକୁ ଶେଷରେ,
ତୁମ୍ଭେ କେଉଁ ଦୋଷେ ଭେଟ ନ ପଡୁଛ
କି କୁଟ ରଖିଛ ଅନ୍ତରେ ।

—୩୫—

ଯାହା ପାଇଁ ତୁମ୍ଭେ ଅଧୀର ଭାବରେ
ଯାଇଥିଲ ଦୂର ବଦେଶେ,
ସେହି ସ୍ଵାଧୀନତା ମିଳିଲାଣି ଏବେ
ଫେରି ଆସ ବୀର ସ୍ଵଦେଶେ;
ବୀର ହେ ! ଜାଳି ଗଉରବ ଦୀପାଳି,
ବନ୍ଧାଇବ ବୋଲି ଜଗିଛି ଜନନୀ
ଆସ ହେ ବୀରେନ୍ଦ୍ର ମଣ୍ଡଳୀ !

ଉତ୍କଳ ସଂଘ ଲାଇ...
ନଂ 175
ତା 17 JUL 1959

ଇମ୍ପିରିଆଲ ପ୍ରେସରେ ଶ୍ରୀ [illegible]ଲାଲ ବ୍ୟାନାର୍ଜିଙ୍କ ଦ୍ଵାରା ମୁଦ୍ରିତ ।
ଢାକୁରିଆ, କଲିକତା । ୧୯୪୯
ଫୋନ ନଂ ପି. କେ. ୧୩୮୭